# ସାଂଖ୍ୟ ଯୋଗ ( ୨୪ ଶ୍ଲୋକରୁ ୩୩ତମ)

ଆମ ବିଚାରରେ 'ଶରୀର ଅଛି' । ଶରୀର ପରିବର୍ତ୍ତନ ରେ 'ଅଛି' କହିବା ଠିକ୍ ନୁହେଁ । ଯଥା – 'କାଠ ଅଛି' । ଅର୍ଥାତ୍ କାଠରେ ହିଁ ବିକୃତି ହୋଇଥାଏ । 'ଅଛି' ରେ ହୋଇନଥାଏ । କାଠ କଟି ଯାଇପାରେ କିନ୍ତୁ 'ଅଛି' କଟେ ନାହିଁ । କାଠ ଜଳିଯାଏ କିନ୍ତୁ ଅଛି ଜଳେ ନାହିଁ । ଅର୍ଥାତ୍ ଏକ ରୂପରେ କାଠ ରହେନାହିଁ। 'ଅଛି' ଅନେକ ରୂପ ଧାରଣ ସପକ୍ଷରେ ନଥାଏ ।

ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମକ୍ଲେଦ୍ୟୋଽଶୋଷ୍ୟ ଏବ ଚ ।
ନିତ୍ୟଃ ସର୍ବଗତଃ ସ୍ଥାଣୁରଚକୋଽୟଂ ସନାତନଃ ।। ୨୪ ।।

ଅୟମ୍ – ଏହି ଶରୀରକୁ, ଅଚ୍ଛେଦ୍ୟଃ- ଛେଦନ ହୋଇପାରେ ନାହିଁ । ଅୟମ୍ – ଏହାକୁ ଅଦାହ୍ୟଃ – ଜଳାଇ ହୁଏ ନାହିଁ । ଅଚ୍ଛେଦ୍ୟଃ - ଆଦ୍ରକରାଯାଇ ପାରେ ନାହିଁ । ଚ – ବା, ଅଶୋଷଃ ଏବ – କେବେ ଶୁସ୍କ କରି ହୁଏ ନାହିଁ । ଅୟମ୍ – ଏହି, ନିତ୍ୟଃ, ସର୍ବଦା, ସର୍ବଗତ - ପ୍ୟାପ୍ତକାରରେ, ଅଚଳଃ - ଅଚଳ, ସ୍ଥାଣୁ – ସ୍ଥିର । ସନାତନଃ - ଅନାଦି କାଳରୁ ।

ପ୍ରାପ୍ତ ହୋଇଥିବା ଶରୀରକୁ ଛେଦନ କରାଯାଇ ପାରେ ନାହିଁ । ଆଦ୍ର କରାଯାଇପାରେ ନାହିଁ କିମ୍ବା ଶୁଷ୍କ କରାଯାଇପାରେ ନାହିଁ । ଯେହେତୁ ପରିବେଶ ମଧରେ ଏପରି ଏକତ୍ରିତ ପଞ୍ଚଭୁତ ଅଟେ ନିତ୍ୟ, ସର୍ବବ୍ୟାପୀ, ଅଚଳ, ସ୍ଥାଣୁ ତଥା ଅନାଦି ।

ଦେହ ବା ଶରୀର ସ୍ୱୟଂଗତ ନୁହେଁ । ପରିବେଶ ମଧ୍ୟରେ ସର୍ବଗତ ଅଟେ । ବାସ୍ତବ କାରଣ ଏହି ଯେ, ଶରୀର ସକାଶେ ଶରୀର ଅନାବଶ୍ୟକ । ଯେହେତୁ ବିନା ଶରୀରରେ ମଧ୍ୟ ସ୍ୱଚ୍ଛନ୍ଦରେ କଳ୍ପିତ ଶରୀର ରହିପାରେ । କାରଣ –

ଅବ୍ୟକ୍ତୋଽୟମ ଚିନ୍ତ୍ୟୋଽୟମ ବିକାର୍ଯ୍ୟୋଽୟମୁଚ୍ୟତେ ।
ତସ୍ମାଦେବଂ ବିଦତ୍ୱୈନଂ ନାନୁଶୋଚି ତୁମର୍ହତି ।। ୨୫ ।।

ଏପରି ଦେହ ବା ଶରୀରର ପ୍ରତ୍ୟକ୍ଷ ଦୃଷ୍ଟି ଗୋଚରକୁ ଆସି ନଥାଏ । ଯେହେତୁ ଏହା ବିଚାରର ବିଷୟ ନୁହେଁ । ଏବଂ ଏହାକୁ ନିର୍ବିକାର ବୋଧ କରାଯାଇଥାଏ । ଦେହ ବା ଶରୀର ସ୍ଥିତିକୁ ଏପରି ଜାଣିବା ପରେ ଶୋକ କରିବା ଅନୁଚିତ୍ ।

ଶରୀରକୁ ଯଦି ନିର୍ବୀକାର ବୋଧ ନକରି କେବଳ ବେକାରୀ ମନେ କରାଯାଏ, ଯାହାକି ପ୍ରକୃତି ପ୍ରସ୍ତୁତ ସିଦ୍ଧାନ୍ତ ବିରୁଦ୍ଧ) ତଥାପି ଶୋକ ବିହିନ । କାରଣ

ଅଥ ଚୈନଂ ନିତ୍ୟ ଜାତଂ ନିତ୍ୟଂ ବା ମନ୍ୟସେ ମୃତମ୍ ।
ତଥାପି ତ୍ୱଂ ମହାବାହୋ ନୈବଂ ଶୋଚିତୁମର୍ହସି ।। ୨୬ ।।

ମହାବାହୋ – ବ୍ୟାପ୍ତ, ଅଥ- ମଙ୍ଗଳ, ଏନମ୍ - ଧାରଣ ହେବା, ନିତ୍ୟ- ସର୍ବଦା, ଜାତମ୍ – ଜନ୍ମିବା, ବା- କିମ୍ବା, ନିତ୍ୟମ୍ – ସର୍ବଦା, ମୃତମ୍ – ମୃତ୍ୟୁ, ଚ – ମଧ୍ୟ, ମନ୍ୟସେ – ମାନିବା, ତଥାପି – ତଥାପି, ତ୍ୱମ୍ – ତୁମେ, ଏବମ୍ – ଏପରି, ଶୋଚିତମ୍ – ମନ ବିଚାରିବା, ନ ଅର୍ହସି - ଅନୁଚିତ୍ ।
ହେ ବ୍ୟାପ୍ତ ବା ପରିବେଶ ! ତୁମ ମଧ୍ୟରେ ତୁମେ ଯଦି ଶରୀରକୁ ନିତ୍ୟ ଜନ୍ମଶୀଳ କିମ୍ବା ମୃତ୍ୟୁଶୀଳ କହି ମଣ ତଥାପି ଏପରି ବିବ୍ରତ ହେବା ଅନୁଚିତ୍ ।

ଜାତସ୍ୟ ହି ଧୃବୋ ମୃତ୍ୟୁର୍ଥ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥ ୨୭ ॥

ଏଠାରେ ହି ର ଅର୍ଥ – କାରଣ, ଜାତସ୍ୟ- ଯେ ଜନ୍ମିତ, ମୃତ୍ୟୁଃ – ମୃତ୍ୟୁ, ଧୃବ - ନିଶ୍ଚୟ, ଚ - ଅବା, ମୃତସ୍ୟ – ମୃତ୍ୟୁ ପରେ । ଜନ୍ମ – ଜନ୍ମପରେ, ଧ୍ରୁବମ୍ - ନିଶ୍ଚୟ, ସସ୍ମାଦ - ତେଣୁ, ଅପରିହାର୍ଯ୍ୟ - ପରିହାର ଅଯୋଗ୍ୟ, ଅର୍ଥେ – କାରଣରୁ, ତ୍ୱମ୍ – ତୁମେ, ଶୋଚିତମ୍ – ଶୋକ, ଅର୍ହସି - ଅନୁଚିତ୍ । କାରଣ ପରିବେଶ ଗଠନ ଏପରି ଯେ, ଯାହାର ଜନ୍ମ ହୁଏ ତାର ମୃତ୍ୟୁ ସୁନିର୍ଶ୍ଚିତ । ଏପରି ଯାର ମୃତ୍ୟୁ ହୁଏ ତାର ଜନ୍ମ ମଧ୍ୟ ସୁନିର୍ଶ୍ଚିତ । ପରିବେଶ ମଧ୍ୟରେ ଏପରି ଜନ୍ମମୃତ୍ୟୁ ପ୍ରବାହର ପରିହାର ହୋଇ ପାରିବ ନାହିଁ । ଏଣୁ ଏଥକୁ ନେଇ ଶୋକ କରିବା ଅନୁଛିତ୍ । ବର୍ତ୍ତମାନ ସାଧାରଣ ତତ୍ତ୍ୱକୁ ନେଇ ବିଚାର କରିବା ।

ଅବ୍ୟକ୍ତାଦିନୀ ଭୂତାନି ବ୍ୟକ୍ତମଧ୍ୟାନି ଭାରତ ।
ଅବ୍ୟକ୍ତନିଧନାନ୍ୟୋବ ତତ୍ର କା ପରିଦେବନା ॥ ୨୮ ॥

ଭାରତ – ଜ୍ଞାନଶୀଳ, ଭୂତାନି – ସକଳ ପ୍ରାଣି, ଅବାକ୍ତାଦିନୀ – ଜନ୍ମ ପୂର୍ବରୁ ଅବ୍ୟକ୍ତ, ଅବ୍ୟକ୍ତ ନିଧନାନି – ମୃତ୍ୟୁପରେ ବି ଅବ୍ୟକ୍ତ, ବ୍ୟକ୍ତିମଧ୍ୟାନି ଏବ – ଜନ୍ମ ମୃତ୍ୟୁ ମଧ୍ୟରେ ହିଁ ପ୍ରାଣି ବ୍ୟକ୍ତି ଜଣାଯାଏ । ତତ୍ର – ଏଥି ମଧ୍ୟରେ, ପରିବେଦନା – ଶୋକର କାରଣ କଣ । କା - ଅନୁରୂପ ବା ଛାୟା ।
ହେ ବିଦ୍ୱାନ ! ସକଳ ପ୍ରାଣି ଜନ୍ମ ପୂର୍ବରୁ ଅବ୍ୟକ୍ତ ଥିଲେ । ମୃତ୍ୟୁ ପରେ ମଧ୍ୟ ଅବ୍ୟକ୍ତ ରହିବେ । କେବଳ ମଧ୍ୟ କାଳେ ହିଁ ବ୍ୟକ୍ତ ଜଣାଯିବ । ଏଣୁ ଏହି ଜୀବନରେ ଅନୁତାପ କରିବା କିଛି କାରଣ ନାହିଁ ।

ଶ୍ଚର୍ଯ୍ୟବିତପଶ୍ୟତି କଶ୍ଚିଦେନମାଶ୍ଚର୍ଯ୍ୟବଦବଦତି ତଥୈବ ରଦ୍ୟଃ ।
ଆଶ୍ଚର୍ଯ୍ୟବଦୈନମନ୍ୟଃ ଶୃଣୋତିଃ ଶ୍ରୁତ୍ୱାପ୍ୟେନଂ ବେଦ ନ ଚୈବ କଶ୍ଚିତ୍ ॥୨୯॥

କଶ୍ଚିତ୍ – କେହି, ଏନମ୍ – ଶରୀରକୁ, ଆଶ୍ଚର୍ଯ୍ୟବତ୍ - ଆଶ୍ଚର୍ଯ୍ୟ ପରି, ପଶ୍ୟତି – ଦେଖିକରି, ଚ - ଅବା, ତଥାଏବ – ସେପରି, ଅନ୍ୟଃ - ଅନ୍ୟକେହି, ବଦତି – ବର୍ଣ୍ଣିତ, ଶୃଣେତି – ଶୁଣିବା, ଶ୍ରୁତ୍ୱାଅପି – ଶୁଣିବା ପରେ, କଶ୍ଚିତ୍ ଏବ – କେ ହୋଇଥିବା । ନ ବେଦ - ଅଜାଣତରେ ।
ଏହି ଶରୀରକୁ କେ ଦେଖେ ଏବଂ ଅନୁଭବ କରେ । ସେପରି ଅନ୍ୟ କିଏ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ବର୍ଣ୍ଣନା କରେ । ଅନ୍ୟ କିଏ ଆଶ୍ଚର୍ଯ୍ୟ ହୋଇ ଶୁଣେ । ଏପରି ଜାଣିବା ପରେ ମଧ୍ୟ କେହି ଏହାକୁ ବୁଝି ପାରେ ନାହିଁ । ଯେହେତୁ ଏହା ଦୁର୍ବିଧେୟ ।

ଦେହୀ ନିତ୍ୟମବଧ୍ୟୋଽୟଂ ଦେହେ ସର୍ବସ୍ୟ ଭାରତ ।
ତସ୍ମାତ୍ସର୍ବାଣି ଭୂତାନି ନ ତ୍ୱଂ ଶୋଚିତୁମେର୍ହସି ॥ ୩୦ ॥

ଭାରତ – ହେ ବିଦ୍ୱାନ, ସର୍ବସ୍ୟ – ସମୁଦାୟ, ଦେହେ – ଶରୀରରେ, ଆୟମ୍ – ଏହି, ଦେହି – ଦେହରେ, ନିତ୍ୟଂ- ସର୍ବଦା, ଅବଧ୍ୟ - ଯାହାର ବଧ ନାହିଁ, ତସ୍ମାତ୍ – ତେଣୁ, ସର୍ବାଣି – ସର୍ବକ୍ଷେତ୍ରେ, ଭୂତାନୀ - ପ୍ରାଣିଙ୍କ ପାଇଁ, ତ୍ୱମ୍ – ତୁମେ, ଶୋଭିତମ୍ – ଶୋକ, ନ ଅର୍ଜସି – କରିବା ଅନୁଚିତ୍ ।
ହେ ବିଦ୍ୱାନ ! ସମୁହ ଶରୀରରେ ଏପରି ଦେହି ନିତ୍ୟ ଅବଧ୍ୟ । ତେଣୁ ସମୁହ ଦେହୀ ପ୍ରାଣୀଙ୍କ ସକାଶେ ବା ଯେ କୌଣସି ପ୍ରାଣୀଙ୍କ ପାଇଁ ତୁମେ ଶୋକ କରିବା ଅନୁଚିତ୍ ।

ସ୍ୱଧର୍ମମପି ଚାବେକ୍ଷ ନ ନିକମ୍ପିତୁମର୍ହସି ।
ଧର୍ମାଦ୍ଧ ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍ କ୍ଷତ୍ରିୟସ୍ୟ ନ ବିଦ୍ୟତେ ॥ ୩୧ ॥

ଚ- କିମ୍ବା, ସ୍ୱଧର୍ମମ୍ - ନିଜ କ୍ଷତ୍ରିୟ ଧର୍ମ, ଅବେକ୍ଷ – ଦେଖି, ଅପି – ମଧ୍ୟ, ବିକଶିତମ୍ – କର୍ମରୁ ବିଚଳିତ ନ ହେବା । ନ ଅହର୍ଷି – ହେବା ମଧ୍ୟ ଉଚିତ୍ ନୁହେଁ । ହି – କାରଣ, ଧର୍ମ୍ୟାତ୍ - ଧର୍ମମୟ, ଯୁଦ୍ଧାତ୍ - ଯୁଦ୍ଧରୁ, କ୍ଷତ୍ରିୟସ୍ୟ – କ୍ଷତ୍ରିୟମାନଙ୍କ ପାଇଁ, ଅନ୍ୟତ୍ - ଅନ୍ୟାନ୍ୟ, ଶ୍ରେୟଃ – ଶ୍ରେଷ୍ଠ, ନ ବିଦ୍ୟତେ - ନାହିଁ ।

ନିଜର କ୍ଷତ୍ରିୟ ଧର୍ମକୁ ଆଚରି ମଧ୍ୟ ତୁମେ କାହିଁକି ବିକମ୍ପିତ ? ଅର୍ଥାତ୍ କର୍ତ୍ତବ୍ୟ କର୍ମରୁ ବିଚଳିତ ନ ହେବା ଉଚିତ୍ ଅଟେ । ଯେହେତୁ କ୍ଷତ୍ରିୟଙ୍କ ପାଇଁ ଧର୍ମମୟ ଯୁଦ୍ଧ କରିବା ହିଁ ଶ୍ରେଷ୍ଠ । ଅନ୍ୟ କୌଣସି କର୍ମ କଲ୍ୟାଣକାରୀ ନୁହେଁ ।

ଯଦୃଚ୍ଛୟା ଚୋପପନ୍ନଂ ସ୍ୱର୍ଗଦ୍ୱାରମପାବୃତମ୍ ।
ସୁଖିନଃ କ୍ଷତ୍ରିୟାଃ ପାର୍ଥ ଲଭନ୍ତେ ଯୁଦ୍ଧମାଦୃଶମ୍ ॥ ୩୨ ॥

ଯଦୃଚ୍ଛୟା - ଆପେ ଆପେ, ଉପନ୍ନମ୍ - ଯୁଦ୍ଧ ସମୁଖିନ, ଚ – କିମ୍ବା, ଅପାବୃତମ୍ – ଉନ୍ମୁକ୍ତ, ସ୍ୱର୍ଗଦ୍ୱାରମ୍ – ସ୍ୱର୍ଗ ଦ୍ୱାରକୁ, ପାର୍ଥ ବା ପ ଅର୍ଥ – ଶୁଖିଲା ପତ୍ର ତୁଲ୍ୟ ଜୀବନ, ଇଦୃଶମ୍ – ଏତାଦୃଶମ୍, ଯୁଦ୍ଧମ୍ - ଯୁଦ୍ଧ, ଲଭନ୍ତେ - ପ୍ରାପ୍ତ ପାଇଁ, କ୍ଷତ୍ରିୟ - ଯୁଦ୍ଧ ପ୍ରିୟ । ସୁଖିନଃ - ଆନନ୍ଦରେ ।
ପ୍ରାପ୍ତ ହୋଇଥିବା ଆପେ ଆପେ ଯୁଦ୍ଧରୁ ମଧ୍ୟ ମୃତ୍ୟୁକୁ ସ୍ୱର୍ଗ ଦ୍ୱାର ଉନ୍ମୁକ୍ତ ଅଟେ । ଏହି ଶୁଖିଲା ପତ୍ର ତୁଲ୍ୟ ଜୀବନ ସକାଶେ ଏପରି ଯୁଦ୍ଧ ଯଦି ପ୍ରାପ୍ତ ହୁଏ ତେବେ ତା ଜନ୍ମ ହିଁ ଶ୍ରେୟ ।

ଅଥ ଚେତ୍ତ୍ୱମିମଂ ଧର୍ମ୍ୟଂ ସଙ୍ଗ୍ରାମଂ ନ କରିଷ୍ୟସି ।
ତତଃ ସ୍ୱଧର୍ମଂ କୀର୍ତ୍ତିଂ ଚ ହିତ୍ୱା ପାପମବାପସ୍ୟସି ।।୩୩।।

ଅଥ- ମଙ୍ଗଳ ପାଇଁ, ଚେତ୍ - ଅଥବା, ତ୍ୱମ୍ – ତୁମେ, ଇମମ୍ – ଏଠାରେ, ଧର୍ମ୍ୟମ୍- ଧର୍ମ ତୁଲ୍ୟ ପ୍ରକାରେ, ଯୁଦ୍ଧ - ସଂଗ୍ରାମ, ନ କରିଷ୍ୟସି - ନ କରିବ, ତତଃ – ତାହାହେଲେ, ସ୍ୱଧର୍ମମ୍ - ନିଜ ଧର୍ମ ପ୍ରତି, ଚ – କିମ୍ବା, କିର୍ତ୍ତୀମ୍ – କିର୍ତ୍ତୀକୁ, ହିତ୍ୱା – ତ୍ୟାଗକୁ କରି, ପାପମ୍ ଅବାପସ୍ୟସି - ପାପର ଭାଗିଦାର ହେବାକୁ ପଡ଼ିବ ।

ତୁମେ ଯଦି ବର୍ତ୍ତମାନ ଏହି ଧର୍ମମୟ ଯୁଦ୍ଧକୁ ନ କରିବ ତାହାହେଲେ ପରିବେଶ ମଧ୍ୟରେ ରହିଥିବା ନିଜର କୀର୍ତ୍ତି, ଧର୍ମକୁ ତ୍ୟାଗ କରି ପାପର ଭାଗିଦାର ହେବା ସୁନିଶ୍ଚିତ । କ୍ରମଶଃ

ବେଙ୍କଟ ବିହାରୀ ପ୍ରହରାଜ
ଋଷିକୂଲ୍ୟା ସରସ୍ୱତୀ ଗବେଷକ
ହିଲପାଟଣା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା
ମୋ- ୮୭୬୩୦୨୫୨୦

# ଶ୍ରୀମଦ୍ ଭଗବଦ୍ ଗୀତା

ଶ୍ରୀମନ୍ମହର୍ଷି ବେଦବ୍ୟାସ ପ୍ରଣୀତ ମହାଭାରତର ଭୀଷ୍ମପର୍ବ ଅନ୍ତର୍ଗତ ପଞ୍ଚବିଂଶ ଅଧ୍ୟାୟରେ ବର୍ଣ୍ଣିତ ଏହି ଯେ - ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରଥମ ଅଧ୍ୟାୟ । ପୁନଃ ବର୍ଣ୍ଣିତ ଏହି ଯେ - ଉଭୟ ସେନାର ପ୍ରଧାନ ପ୍ରଧାନ ସେନାଙ୍କ ଉପସ୍ଥିତି ତଥା ଶଙ୍ଖ ଧ୍ୱନୀର ବର୍ଣ୍ଣନା ତଥା ସ୍ୱଜନଙ୍କ ବଧରେ ପାପରେ ଭୟଭୀତ ହୋଇ ଅର୍ଜୁନଙ୍କ ବିଷାଦ । ଏତଦ୍‌ଙ୍କୁ  ନେଇ ଗ୍ରନ୍ଥ ବିଷୟ ମଧ୍ୟରେ ପ୍ରବେଶକୁ ନେଇ ଶ୍ଳୋକ କୁହାଯିବା ପୂର୍ବରୁ କୁହାରହିଛି- ଧୃତରାଷ୍ଟ୍ର ଉବାଚ । ଶ୍ଳୋକରେ କିନ୍ତୁ କୁହା ରହିଛି –

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ ।
ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଂଜୟ ॥

ଧୃତରାଷ୍ଟ୍ର ବୋଇଲେ- ହେ ସଂଜୟ ! ଧର୍ମଭୂମି କୁରୁକ୍ଷେତ୍ରରେ ଏକତ୍ର ହୋଇଥିବା ଏବଂ ଯୁଦ୍ଧରେ ରଖିଥିବା ଇଚ୍ଛାକୁ ମୋର ଏବଂ ପାଣ୍ଡୁଙ୍କ ପୁତ୍ରମାନେ କଣ କଲେ ?

କିନ୍ତୁ ଗୀତା ପ୍ରେସ ଗୋରଖପୁରଠାରେ ଛପାଯାଇଥିବା ଶ୍ରୀମଦ୍ ଭଗବଦ୍ ଗୀତାର ସାଧକ ସଂଜୀବନୀ ଟୀକାରେ ସମସ୍ତ ମହାଭାରତର ଟୀକା ସମାନ ଥିବା ସତ୍ତ୍ୱେ ବି ସଂଜୟ ପରିବର୍ତ୍ତେ ସଞ୍ଜୟ (ନାମବାଚକ) ରହିଛି । ପୁନଃ ଶ୍ରୀଧର ସ୍ୱାମୀଙ୍କ ଟୀକାକୁ ପଣ୍ଡିତ ଶ୍ରୀରଙ୍ଗାଧର ଷଡ଼ଙ୍ଗୀଙ୍କ ଦ୍ୱାରା ଓଡ଼ିଆରେ ରୂପାନ୍ତରିତ କରିଥିବା ଟୀକାରେ ମଧ୍ୟ ଅନୁବାଦ କରାଯାଇଛି ଏହି ଯେ ଧର୍ମକ୍ଷେତ୍ର – କୁରୁକ୍ଷେତ୍ରରେ ଯୁଝିବାକୁ ଇଚ୍ଛୁକ ମୋର ଏହି ପୁତ୍ରମାନେ ଏକତ୍ରିତ ହେ ସଞ୍ଜୟ ! ସମବେତ ହୋଇ କଣ କଲେ ? ଅନ୍ୟାନ୍ୟ ଟୀକା, ଟୀକାକାରମାନେ ମହାଭାରତରେ ଟୀକାର ଭାବାର୍ଥ ଥିଲା ପରି ଥିଲେ ମଧ୍ୟ, ମହର୍ଷି ମହେଶ ଯୋଗୀ ଇଂରାଜୀରେ ଟୀକା କରି କହିଛନ୍ତି -

Dhritarastra said ଅର୍ଥାତ୍ ଧୃତରାଷ୍ଟ୍ର କହିଲେ ।
Assembled on the field of the
Kurus, eager to fight, what did
My people and the Pandavas do ?

ଏପରିକି ଆଜି ବୋଲାଉଥିବା ଯୋଗୀ, ସନ୍ଥ, ମହନ୍ତ, ମହାତ୍ମା ତଥା ବିଦ୍ୱାନ୍‌ମାନେ ମଧ୍ୟ ମହାଭାରତ ଗ୍ରନ୍ଥରେ ଥିବା ସେହି ଟୀକାକୁ ସମ୍ମାନ ଦିଅନ୍ତି । କିନ୍ତୁ ମୋ ମନରେ କାହିଁକି ଏକ ପ୍ରକାର ନିରବତା ପ୍ରକଟ ହେଉଛି ? ଭାଷା ଆଦୃତତା କ୍ରମରେ ଅଖାଡୁଆ ବୋଧ ହେଉଛି । କାରଣ ଗୀତାରେ ବର୍ଣ୍ଣିତ ୧୮ଯୋଗ ବିଶିଷ୍ଟ ବିଷୟ ଗୁଡ଼ିକ ପରିବେଶରେ ପର୍ଯ୍ୟାୟକ୍ରମେ ମଜ୍ଜି ରହିଲେ, ପ୍ରକୃତ ସ୍ୱରୂପ ଶୁଭ୍ର ରହିବ ଜୀବ ଦୀର୍ଘାୟୁ ହୋଇ ରହିବେ । ଏଣୁ ମହାଭାରତ ସଂଗ୍ରାମର ଅତ୍ୟନ୍ତ ଅତୀତ କାଳରେ ଭଗବାନ ବ୍ରହ୍ମାଙ୍କ ସଭାରେ ଭଗବାନ ହଂସ ସଭାସଦ୍‌ଙ୍କୁ ବୁଝାଇ, ବ୍ରହ୍ମାଣ୍ଡର ଦୀର୍ଘସ୍ଥାୟୀକୁ ନେଇ କହିଛନ୍ତି ।

ବେଦୋକ୍ତ ପ୍ରକାରେ ଶ୍ରୀମଦ୍ ଭଗବଦ୍ ଗୀତାର ମର୍ମଶ୍ଳୋକୁ ଅନେକ ପ୍ରବଚକ ପ୍ରବଚନରେ କହିଛନ୍ତି । ଏପରି ଭଗବାନ ହଂସ ବ୍ରହ୍ମଲୋକରେ ଗୀତାର ଶୀରୋନାମାକୁ ବା ଗ୍ରନ୍ଥ ଚରିତକୁ ପ୍ରେରଣାକ୍ରମେ କହିଥିଲେ । ପ୍ରଥମେ ଗୀତା ଗ୍ରନ୍ଥର ନାମାର୍ଥକୁ ବିଦ୍ୱାନମାନେ ବୁଝିବାକୁ ଚେଷ୍ଟା କରନ୍ତୁ । ପରେ ଶୀରୋନାମାକୁ ବୁଝିବାକୁ ଚେଷ୍ଟା କରିବେ ।

ଶ୍ରୀମଦ୍ ଭଗବଦ୍ ଗୀତା-

ଶ୍ରୀ – ସମୃଦ୍ଧିର ବିକାଶ, ମଦ୍ – ମସ୍ତିରେ ହେବା, ଭଗବଦ୍ - ଯଶସ୍ୱୀ, ପ୍ରସିଦ୍ଧ ବା ସମ୍ମାନିତ । ଗୀତା-ରଚନା ।

ଗ୍ରନ୍ଥ ରଚନା ପରେ, ଗ୍ରନ୍ଥଟିର ନାମକରଣ କରାଗଲା ଶ୍ରୀମଦ୍ ଭଗବଦ୍ ଗୀତା ବା ପରିବେଶର ସମୃଦ୍ଧିର ବିକାଶକୁ ମସ୍ତିତ୍ୱ ପ୍ରକାଶ ପାଇ ଯଶସ୍ୱୀ ହେବା ସହିତ ପ୍ରସିଦ୍ଧ ତଥା ସମ୍ମାନିତ ଭାବେ ରଚନା କରାଗଲା । ପରିବେଶ ରଚନାର ଅସ୍ତିତ୍ୱ ବ୍ରହ୍ମାଣ୍ଡ ମଧ୍ୟରେ ଖେଳି ବୁଲୁଛି । ପଞ୍ଚଭୂତାକାର ପରିବେଶର ନିର୍ମାତା ହେଲେ ସ୍ୱୟଂ ବ୍ରହ୍ମଦେବ । ସେ ହିଁ ଏହି ଗ୍ରନ୍ଥ ବିଷୟ ପ୍ରବେଶରେ ଧୃତରାଷ୍ଟ୍ର ଉବାଚ – ଏହି ବ୍ରହ୍ମାଣ୍ଡର ଉତ୍ତରୋତ୍ତର ପ୍ରସ୍ତୁତିର ଅଧିକାରୀ ।

ଗୀତା ପ୍ରବଚକମାନେ ଏଥକୁ ନେଇ କହନ୍ତି, ଧୃତରାଷ୍ଟ୍ର କହିଲେ, ଏଠାରେ ଧୃତରାଷ୍ଟ୍ର ପଦ ନାମବାଚକ ନୁହେଁ । ଏଠାରେ ଏହି କ୍ରିୟା ବା କର୍ମବାଚକ । ଏହି କ୍ରିୟାବାଚକ ଶବ୍ଦର ବାମ ପଟେ ରହିଛି ଶବ୍ଦ ଉବାଚ । ଉ= ସତ୍ୟ,  ଉ + ବାଚ = କଥା । ଅର୍ଥାତ୍ କୁହାଯାଇପାରେ ରାଷ୍ଟ୍ର ବା ଦେଶ ଧାରଣ କରିଥିବା ସତ୍ୟ କଥା । ଏହି ବିସ୍ତାରିତ ବାକ୍ୟକୁ ଅଳ୍ପରେ ଜାଣିବାକୁ ତଥା ତଥ୍ୟର ଶିରୋନାମା ରୂପେ ରଚକ ରଚନା କରିଛନ୍ତି । ଏହି ଶିରୋନାମା ପରେ ପରେ, ଶ୍ଳୋକ ରୂପରେ ବର୍ଣ୍ଣନା ରହିଛି । ଯାହାକୁ ପ୍ରଥମେ ଦର୍ଶାଯାଇଛି । ପ୍ରଥମ ପଦ ଶବ୍ଦ ଧର୍ମକ୍ଷେତ୍ରେ ରୂପେ ବର୍ଣ୍ଣିତ ।

ବର୍ଣ୍ଣିତ ବା ରଚିତ ଧର୍ମକ୍ଷେତ୍ରେ ର ଯଥାର୍ଥତା ଅଟେ, ଧର୍ମ ବା ଧାରଣ କ୍ଷେତ୍ର ମଧ୍ୟରେ ରହି ଥିବା ଅଞ୍ଚଳ । କିନ୍ତୁ ଯଦି ଧର୍ମକ୍ଷେତ୍ର ରୂପେ ରଚନା କରାଯାଇଥାନ୍ତା, ତେବେ ପ୍ରବଚକମାନେ ପ୍ରବଚନ କାଳେ କହି ନଥାନ୍ତେ ଯେ ଧର୍ମଭୂମି କୁରୁକ୍ଷେତ୍ରରେ । ଗ୍ରନ୍ଥ ପ୍ରବେଶର ଏହି ପ୍ରଥମ ଶ୍ଳୋକର ପ୍ରଥମ ବାକ୍ୟର ପ୍ରବଚନ, ପ୍ରବଚକମାନଙ୍କ ଦ୍ୱାରା ନିମ୍ନମତେ ବିଶ୍ଳେଷଣ ହେବା ଆବଶ୍ୟକ । ଯେହେତୁ ବ୍ୟାକରଣୀୟ ପଦ୍ଧତି ଭୂଲ ପ୍ରମାଣିତ ହେବ ନାହିଁ । ଯଥା ଧର୍ମକ୍ଷେତ୍ରାଞ୍ଚଳ ମଧ୍ୟରେ ରହି ଆସିଥିବା କୁରୁକ୍ଷେତ୍ର ମଧ୍ୟରେ ଯେଉଁମାନେ ଯୁଦ୍ଧପ୍ରିୟ ନୁହନ୍ତି ସେମାନେ ଏକତ୍ରିତ ବା ସମବେତ ହୋଇଛନ୍ତି ।

ଭଗବାନ ହଂସ ଏପରି ବ୍ୟାଖ୍ୟା କରୁଥିବା କାଳେ, ବ୍ରହ୍ମଦେବ ଠିଆ ହୋଇ ପ୍ରଶ୍ନ କରିଥିଲେ,ହେ ମହାତ୍ମା ! ମୋ ବିଚାରରେ ଯେଉଁ ବ୍ରହ୍ମାଣ୍ଡର ସୃଷ୍ଟି ଏବଂ ସେଥିରେ ମାମ – ମୋର, କାଃ ପାଣ୍ଡବାର୍ଶ୍ଚୈବ – ଏଠାରେ ପ୍ରତିଫଳିତ ହେଉଥିବା ଅନିର୍ଣ୍ଣିତ ପଞ୍ଚ ଭୂତାକାରର, କିମ କୁର୍ବତି – ବା ଭବିଷ୍ୟତରେ କଣ ହେବ ? ଉତ୍ତରରେ ଭଗବାନ ହଂସ କହିଲେ ସଂଜୟ ହୋଇ ରହିବ ।

ପ୍ରଶ୍ନ ପରେ ପରେ ଉତ୍ତର ମିଳିବା କାରଣରୁ ଶ୍ଳୋକ ଶେଷରେ ପୂର୍ଣ୍ଣଛେଦ ରହିଛି । ସଙ୍ଗେ ସଙ୍ଗେ ଉତ୍ତରର କାରଣରୁ ପୂର୍ଣ୍ଣଛେଦ ପହିବା ବାଧ । ଏଠାରେ ପୁଣି ନାମ ବାଚକ ସଞ୍ଜୟ, ବ୍ୟବହାର କରାଯାଇନି । ପ୍ରତିବଦଳରେ ସଂଜୟ ଦେଖିବାକୁ ମିଳେ । ଏହି ସଂଜୟର ଯଥାର୍ଥ ଅଟେ, ସଂ +ଜୟ । ଅର୍ଥାତ୍ ସଂଶୟପୂର୍ଣ୍ଣ ଜୟ ବା ଗ୍ରନ୍ଥ ହୋଇ ରହିବ ।

ସଂଜୟ ଉବାଚ  ବା ସଂଶୟ ପୂର୍ଣ୍ଣ ଗ୍ରନ୍ଥର ସତ୍ୟ କଥା ।

ଅର୍ଥାତ୍ ସଂଶୟପୂର୍ଣ୍ଣ ଗ୍ରନ୍ଥର ସତ୍ୟକଥା ଏହି ଯେ -

ଏହି ବ୍ରହ୍ମାଣ୍ଡ ମଧ୍ୟରେ ପ୍ରଚଳିତଭାବେ ରହି ଆସିଥିବା ସମୁଦାୟ ପଞ୍ଚଭୂତ ଏକତ୍ରିତ ହୋଇ ରହିଥିବା ଗୁଳ୍ମଗୁଡ଼ିକ ଥିବା ଦେଖିଥିଲେ । ଏବଂ ଅଗ୍ନି ସ୍ଫୁରଙ୍ଗ ଗୁଡ଼ିକ ତେଜିୟାନ ରୂପେ ପ୍ରଚଳିତ ଥିବା ମଧ୍ୟ ଦେଖିଥିଲେ । ପୁନଃ ସେ ସ୍ଫୁରଙ୍ଗ ଗୁଡ଼ିକ ପରସ୍ପର ମଧ୍ୟରେ ସଂଗ୍ରାମ କରୁଥିବା ମଧ୍ୟ ଦେଖିଥିଲେ । ବ୍ରହ୍ମଲୋକର ଆଚାର୍ଯ୍ୟ ବ୍ରହ୍ମଦେବ ଏପରି ଦୃଶ୍ୟ ଦେଖିବା ପରେ ତଥା ଅନୁଦାନ ଉପ୍ତତି ଦେଖିବା ପରେ, ଭଗବାନ ହଂସଙ୍କୁ କହିଥିଲେ ।

ହେ ମହାତ୍ମା ! ବିକଶିତ ହେବାକୁ ଯାଉଥିବା ଏହି ପଞ୍ଚଭୂତାକାର ପ୍ରପଞ୍ଚ ବ୍ରହ୍ମାଣ୍ଡର ପରିବେଶ ପୀତ ଧଳା ହଳଦିଆ ରୂପେ ଦେଖିବାକୁ ମିଳୁଛି । ପୁନଃ ସଂଗ୍ରାମକାଳେ ସୈନ୍ୟ ସମାବେଶ ପ୍ରତିତ ହେବା ପରି ବିଶାଳତା ଦେଖା ଯାଉଛି । ଅତଏବ ଏହି ବ୍ରହ୍ମାଣ୍ଡ ମଧ୍ୟରେ କାଷ୍ଟ ପରଂପରାକୁ କାର୍ଯ୍ୟକାରୀ କରିବା ଉଚିତ୍ । କାରଣ ପରିବେଶ ମଧ୍ୟରେ ତଥା ବ୍ରହ୍ମାଣ୍ଡରେ, କ୍ରୋଧ ଆବେଶର ସ୍ଥିତି ତୁଲ୍ୟ ପ୍ରତିଭା ଜାଗ୍ରତୀତ ହୋଇ ରହିବ । ଏଥିର ପ୍ରତିକାର ସ୍ୱରୂପ କାଷ୍ଟ ପରଂପରାର ପ୍ରଚଳିତ ନିତାନ୍ତ ହେବା ଆବଶ୍ୟକ ।

ପଞ୍ଚଭୂତାକାର ବ୍ରହ୍ମାଣ୍ଡ ପରିବେଶର କ୍ଷେତ୍ର ସମୁଦାୟ, ପୂଣ୍ୟ ପବିତ୍ରତାର ମୌଳିକ ଖଣି, ଯେହେତୁ ବ୍ରହ୍ମାଣ୍ଡ ମଧ୍ୟରେ ସତ୍ୟର ପୁଞ୍ଜି ରହିଛି । ସତ୍ୟାଧାର ରୂପେ ଧର୍ମର ମଳୟ ସର୍ବଦା ପ୍ରଚଳିତ ହେଉଛି । ଏଣୁ ଅକାରଣକ୍ରମେ ପ୍ରସ୍ଫୁଟିତ ଗୁଳ୍ମ ଗୁଡିକ ମଧ୍ୟରେ ସଂଗ୍ରାମର ବିଶାଳତା ବୃଦ୍ଧି ପାଉଛି । କହିବା ଉଚିତ ହେବ, ବ୍ରହ୍ମାଣ୍ଡ ମଧ୍ୟରେ ପ୍ରକୃତିର ପ୍ରାକୃତିକ ସମ୍ପଦ ଭରପୁର ଭାବେ ରହିଛି । ଏହି ସମ୍ପଦର ଯେପରି ବିପର୍ଯ୍ୟୟ ନ ହେବ ମହାନ ଚେଷ୍ଟା କରିବାକୁ ପଡ଼ିବ । କାରଣ ବିପର୍ଯ୍ୟୟ ହେବା ଆରମ୍ଭ ହୋଇସାରିଛି ।

ଏପରି ବୈଦିକ ଭାଷାରେ ବ୍ରହ୍ମଦେବ ତଥା ଭଗବାନ ହଂସଙ୍କ ମଧ୍ୟରେ କଥପୋକଥନ ବ୍ରହ୍ମାଣ୍ଡକୁ ନେଇ ହୋଇଥିଲା । ସଂଜୟ ଉବାଚ ପ୍ରଥମ ଅଧ୍ୟାୟ ଶ୍ଳୋକ ୨୦ାରୁ ୨୦ ୧/୨ ଯାଏଁ ହୋଇଥିଲା । ୨୧ ଶ୍ଳୋକର ଅଧାଠାରୁ ଆରମ୍ଭ ଅର୍ଜ୍ଜୁନଉବାଚଠାରୁ ଏଠାରେ ଯେଉଁ ନାମବାଚକ ଶବ୍ଦ ଅର୍ଜ୍ଜୁନ ଏବଂ ଉବାଚକୁ ଦିଆଗଲା, ତାହା ଏଠାରେ ଅର୍ଜୁନ ପଦକୁ ଯଦି ବିଶ୍ଳେଷଣ କରାଯାଏ ତେବେ ଅର୍ଜୁନରେ ଉ କାର ପ୍ରୟୋଗ ହୋଇ ଅର୍ଜୁନ ହୋଇଛି । ଏଠାରେ ଉ କାର ସତ୍ୟ ରୂପେ ଚିହ୍ନଟ ଅର୍ଥାତ୍ ସତ୍ୟ ଅର୍ଜନ ସକାଶେ ବାରମ୍ବାର ପ୍ରଶ୍ନ କରିବା ଆବଶ୍ୟକ ।

ଏପରି ସତ୍ୟସ୍ଥଳି ବ୍ରହ୍ମଲୋକରେ ବ୍ରହ୍ମାଣ୍ଡର ଖଗୋଳକୁ ନେଇ ବ୍ରହ୍ମଦେବଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ ଭଗବାନ ହଂସ । ଏହି ସ୍ଥିତିକି ନେଇ ପରିବେଶ ମଧ୍ୟରେ ହେବାକୁ ଥିବା ପ୍ରକ୍ରିୟାକୁ ନେଇ, ପଞ୍ଚଭୂତାକାର ବ୍ରହ୍ମାଣ୍ଡ ପରିବେଶରେ କଣ ଘଟିବ ଯୋଗ ଘଟିବ ? ଏବଂ ଏହାର ପ୍ରତିକାର ଯୋଗ କଣ ? ଭାଗବତ ହେବ ? ପ୍ରଥମରେ ଅର୍ଜ୍ଜୁନ ବିଷାଦ ଯୋଗ ରହିଛି । ଅର୍ଥାତ୍ ସତ୍ୟକୁ ଯେଉଁମାନେ ଅର୍ଜନ କରିବାକୁ ଚାହୁଁଛନ୍ତି, ସେମାନେ ଇଷ୍ଟନାଶ ଜନିତ ମନୋଭଙ୍ଗ ଦ୍ୱାରା ଦୁଃଖ ପାଇବା ସୁନିଶ୍ଚିତ । ଦ୍ୱିତୀୟରେ ପୁଣି କୁହାଗଲା ମୁକ୍ତିର ମାର୍ଗ ସକାଶେ ସାଂଖ୍ୟ ଯୋଗ । ଏହି ଯୋଗ ପ୍ରାପ୍ତ ପାଇଁ ବିଭିନ୍ନ ସନ୍ଥ ସିଦ୍ଧ ତତ୍ପର ଜୀବନରେ ହୋଇଥାଆନ୍ତି । ଏପରି ଯୋଗ ପ୍ରାପ୍ତ ପାଇଁ ଅନ୍ୟାନ୍ୟ ଷୋହଳ ଯୋଗର ସାହାଯ୍ୟ ନେବାକୁ ପଡିଥାଏ ।

ବ୍ରହ୍ମାଣ୍ଡର ପଞ୍ଚଭୂତାକାର ପରିବାଶ ମଧ୍ୟରେ ଆତ୍ମା ଗୁଡିକ ଯୋଗାବଳୀ ହେଲେ ହେଁ ଶୁଭ୍ର ତଥା ନିର୍ମଳ ସଂସ୍କାରିତ ରୂପେ ପରମାତ୍ମାରେ ଜୀବ ଲୀନ ହୋଇ ପାରିବ । ଏଥକୁ ନେଇ ଖଗୋଳ ବା ବ୍ରହ୍ମଲୋକରେ ହୋଇ ରହିଥିବା ପ୍ରଶ୍ନର ଉତ୍ତରର ପ୍ରଭାବ ଭୂଗୋଳ ଜନିତ ମହା ସଂଗ୍ରାମ ଆରମ୍ଭ ବେଳରେ ଭଗବାନ, ଅର୍ଜୁନ, ସଂଜୟ ତଥା ଧୃତରାଷ୍ଟ୍ର ଉବାଚ ହିଁ ଗ୍ରନ୍ଥଗତ ଅଟେ । ପୁଣି ଷୋହଳଟି ଯଥା ତୃତୀୟ ଠାରୁ ଅଠର ଅଧ୍ୟାୟ ପର୍ଯ୍ୟନ୍ତ ଥିବା କ୍ରିୟା ଯୋଗକୁ ନେଇ ଜୀବନ ପଥକୁ ଅତିକ୍ରମ କଲେ ସେ ଆତ୍ମା ପରମାତ୍ମା ସହ ମିଶି ନିଶ୍ଚୟ ଜୀବନକୁ ଶ୍ରୀମଦ୍ କରି ପାରିବ ।

ଏଠାରେ ପ୍ରକାଶ ଥାଉକି- ଶ୍ରୀମଦ୍ ଭଗବଦ୍ ଗୀତା ଶ୍ରୀକୃଷ୍ଣ ଅର୍ଜୁନ ସଂବାଦ ନୁହେଁ । ଏହା ଭଗବାନ ହଂସ ତଥା ବ୍ରହ୍ମଦେବଙ୍କ ସଂବାଦ ବ୍ରହ୍ମାଣ୍ଡ ନିର୍ମାଣର ପରବର୍ତ୍ତି କାଳରେ ସ୍ୱୟଂମ୍ଭୁବ ମନୁଙ୍କ ମନ୍ୱନ୍ତରରେ ହୋଇଥିଲା । ପରିବେଶ କର୍ତ୍ତବ୍ୟରେ ଏପରି ହେବା ନିହାତି ଅଟେ କହି ମହାଭାରତ ସଂଗ୍ରାମ ଆରମ୍ଭ କାଳରେ ଗୁରୁଶିଷ୍ୟ ସଂବାଦ କ୍ରମରେ ଶ୍ରୀକୃଷ୍ଣ କୁନ୍ତି ପୁତ୍ର ଅର୍ଜୁନକୁ ଅତୀତର ବିଚାରକୁ ସୂଚାଇ ଦେଇଥିଲେ । ଶ୍ରୀମଗ୍ ଭଗବଦ୍ ଗୀତାକୁ ପ୍ରବଚକମାନେ ଅଣମାର୍ଗୀ କଳାପରି, କବି ଜୟଦେବଙ୍କ ଗୀତ ଗୋବିନ୍ଦମ୍‌କୁ ମଧ୍ୟ ପରିବେଶ ବର୍ଣ୍ଣନାର ମଧୁରତାକୁ ରାଧାକୃଷ୍ଣ ପ୍ରେମକୁ ନେଇ ବର୍ଣ୍ଣନା ତଥା ଟୀକା କରି ପ୍ରକାଶ କରୁଛନ୍ତି । ଏବଂ ସତ୍ୟକୁ ଅତିକ୍ରମ କରି ଚାଲିଛନ୍ତି ।

ବିଦ୍ୱାନମାନଙ୍କ ଏପରି ଅବିସୃଷ୍ଟିକାରୀ ବିଚାରର କାରଣ ଯୋଗୁଁ, ସମାଜ ଦିନକୁ ଦିନ ଅତୀତର ସତ୍ୟତାକୁ ଦୂରେଇ ଚାଲିଛି । ଏଣୁ କ୍ଷେତ୍ରେ କୁ କ୍ଷେତ୍ର ରୂପେ ବ୍ୟବହାର କରି ଭୁଲ ମାର୍ଗ ଦର୍ଶାଇ କହନ୍ତି ଧର୍ମ ଭୂମି କୁରୁକ୍ଷେତ୍ର ।

କେତୋଟି ପ୍ରଶ୍ନ

ଧୃତରାଷ୍ଟ୍ର ପଦ ଶବ୍ଦଟି ନାମ ବାଚକ ବା ଗୁଣ ବାଚକ ?

ଧର୍ମକ୍ଷେତେ - ଧର୍ମ କ୍ଷେତ୍ର ମଧ୍ୟରେ ନା ଧାରଣ କ୍ଷେତ୍ର ମଧ୍ୟରେ, ନା ଧର୍ମଭୂମି ?

ସମବେତା – ଏକବଚନ ନା ବହୁବଚନ ?

ମାମକ – ଗୋଟିଏ ପଦ ନା ଦୁଇଟି ପଦ ?

ପାଣ୍ଡବ - ପଣ୍ଡୁପୁତ୍ରଙ୍କୁ ସୂଚାଏ, ନା ପଞ୍ଚଭୂତକୁ ?

ସଞ୍ଜୟ –ଶ୍ଳୋକ ଶେଷରେ ସଞ୍ଜୟ ରହିବା ଠିକ୍ ନା ସଂଜୟ ରହିବା ଠିକ୍ ?

ବେଙ୍କଟ ବିହାରୀ ପ୍ରହରାଜ
ଋଷିକୂଲ୍ୟା ସରସ୍ୱତୀ ଗବେଷକ
ହିଲପାଟଣା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା
ମୋ- ୮୭୬୩୦୨୫୨୦